# ସଫେଇ କର୍ମୀଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ନେସ୍‌ଲେ କିଟ୍

**ଭୁବନେଶ୍ୱର,୨୯/୬/ଏନ୍‌ଏନ୍‌ଏସ୍:** ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ସଫେଇ କର୍ମଚାରୀମାନଙ୍କୁ ଏକ ପ୍ୟାକେଟ୍ ପ୍ରଦାନ କରାଯାଇଛି । ଏଥିରେ ଚକୋଲେଟ୍, ନେସ୍‌କାଫେ ଏବଂ ମଞ୍ଚ୍ ଇତ୍ୟାଦି ରହିଛି । ନେସ୍‌ଲେ ଇଣ୍ଡିଆ ସହିତ ପରିଚୟ ଫାଉଣ୍ଡେସନ ଓ ବିଏମ୍‌ସି ସହାୟତାରେ ଏହି ପ୍ୟାକେଟ୍ ପ୍ରଦାନ କରାଯାଇଛି । ବର୍ତ୍ତମାନର ଘଡ଼ି ସନ୍ଧି ମୁହୂର୍ତ୍ତରେ ସଫେଇ କର୍ମୀମାନେ ନିଜର ଜୀବନକୁ ବାଜି ଲଗାଇ କାମ କରୁଛନ୍ତି । ସେମାନଙ୍କୁ ପ୍ରୋତ୍ସାହନ ପାଇଁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଉପସ୍ଥିତିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଚୟ ଫାଉଣ୍ଡେସନ୍‌ର ଅଧକ୍ଷା ରୋଜାଲିନ୍ ପାଟ୍ଟଶାଣୀ ମିଶ୍ର ସଫେଇ କର୍ମୀଙ୍କୁ ଏହି ଉପହାର ପ୍ରଦାନ




କରିଥିଲେ । ନେସ୍‌ଲେ ଇଣ୍ଡିଆ ଲିମିଟେଡ୍‌ରୁ ପରିଚୟ ଫାଉଣ୍ଡେସନ୍ ଗ୍ରହଣ କରିଥିବା ଚକୋଲେଟ୍, ନେସ୍‌କାଫେ ଏବଂ ମଞ୍ଚ୍ ଇତ୍ୟାଦି କୋଭିଡ୍ ଯୋଦ୍ଧାମାନଙ୍କ ଶିଶୁ ଏବଂ ପରିବାର ବର୍ଗଙ୍କୁ ଦିଆଯାଇଛି । ଏହା ବ୍ୟତୀତ ନେସ୍‌ଲେ ଇଣ୍ଡିଆ ତରଫରୁ ଉକ୍ତ ଚକୋଲେଟ୍ ଇତ୍ୟାଦି ୧୦ ଲକ୍ଷ ଟଙ୍କାର ଉତ୍ପାଦନ ବିଏମ୍‌ସିକୁ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ସଫେଇ କର୍ମଚାରୀଙ୍କ ଶିଶୁ ଓ ପରିବାରକୁ ଅର୍ପଣ କରିବାକୁ ଆଗେଇ ଆସିଥିବା ପରଚୟ ଫାଉଣ୍ଡେସନ୍ ଅଧକ୍ଷା ରୋଜାଲିନ୍ ପାଟ୍ଟଶାଣୀ ମିଶ୍ର କହିଛନ୍ତି ଯେ ଆମ ସମସ୍ତଙ୍କ ପାଇଁ ଗଳି ବସ୍ତି ବୁଲି କାମ କରୁଥିବା ସଫେଇ କର୍ମୀଙ୍କ ପାଇଁ ଏହା ଏକ ଛୋଟିଆ ଉପହାର ମାତ୍ର । ଏହା ଯେ ନିଶ୍ଚିତ ଭାବେ ସେମାନଙ୍କ ମନରେ ଉଲ୍ଲାସ ସୃଷ୍ଟି କରିବ ଏହି ଆଶାପୋଷଣ କରି ସେ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି । ବିଏମ୍‌ସି ଏପରି କରୋନା ସଂକ୍ରମଣ ପରିସ୍ଥିତିରେ ବିଭିନ୍ନ ବସ୍ତି, କଣ୍ଟେନ୍‌ମେଣ୍ଟ ଜୋନ୍ ଏବଂ ସମ୍ବେଦନଶୀଳ ବ୍ୟକ୍ତି ଇତ୍ୟାଦିଙ୍କର ଯତ୍ନ ଓ ସେବାକୁ ଗୁରୁତ୍ୱର ସହ ନେଇ ଏହାର ଭାର ତୁଲାଇପାରିଛି ଏବଂ ଏଥିପାଇଁ ସମସ୍ତଙ୍କ ସହଯୋଗ ଏ ଦିଗରେ ଆମକୁ ଆଗେଇ ନେଇଛି ବୋଲି ସେ କହିଛନ୍ତି । ଉପହାର ବାବଦରେ ଗ୍ରହଣ କରାଯାଇଥିବା ନେସ୍‌ଲେ ପ୍ରଡକ୍ଟ କେବଳ ସଫେଇ କର୍ମୀମାନଙ୍କ ଶିଶୁ ଓ ପରିବାରଙ୍କୁ ସ୍ୱତନ୍ତ୍ର ଭାବେ ବଣ୍ଟନ କରାଯିବ । ଏହାର ଦାୟିତ୍ୱ ବିଏମ୍‌ସିର ଡେପୁଟି କମିଶନର (ସାନିଟେସନ୍) ଶୁଭେନ୍ଦୁ ସାହୁଙ୍କୁ ଦିଆଯାଇଛି ।

ନିତିଦିନ NITIDIN Tue, Jun 30, 2020
http://odishanewsnitidin.com